

# କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ

ॐ

ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ


**ସ୍ଥାନ :**

**ମହେନ୍ଦ୍ରଗିରି, ଗଜପତି**

(ଚୈତ୍ରମାସ କୃଷ୍ଣପକ୍ଷ ନବମୀ ପୂର୍ବାଷାଢ଼ା ଧନୁ,
ମୀନ ୧୧ଦିନ ମଙ୍ଗଳବାର ଠାରୁ
ଚତୁର୍ଦ୍ଦଶୀ ପୂର୍ବଭାଦ୍ର କୁମ୍ଭ, ମୀନ ୧୫ଦିନ ଶନିବାର ପର୍ଯ୍ୟନ୍ତ)
ଇଂରାଜୀ ତା ୨୫.୩.୨୦୧୪ରିଖ ମଙ୍ଗଳବାର ଠାରୁ
ତା ୨୯.୩.୨୦୧୪ରିଖ ଶନିବାର ପର୍ଯ୍ୟନ୍ତ ।

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,

ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତି ଆଶ୍ରମ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।



ଭକ୍ତି ପ୍ରେମାଞ୍ଜଳି : ଦଶ ମୁଦ୍ରାଞ୍ଜଳି

# ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

ଜନ୍ମଶୂନ୍ୟଂ ମୃତ୍ୟୁହୀନଂ ବର୍ପୁବିରହିତଂ ସତ୍ତାମ୍ ।
ସ୍ୱେଚ୍ଛୟା ସୃଷ୍ଟିହେତବେ ସ୍ଥୂଳ ବିଗ୍ରହ ଧାରଣମ୍ ।।
ଅରୂପଂ ତଦ୍ ବ୍ରହ୍ମମଦ୍ୟ ଧାରଣଂ ନର ବିଗ୍ରହମ୍ ।
କଲୌ ଅଘ ବିମର୍ଷଣେ ଅବତାରୀ ବସୁନ୍ଧର୍ଯ୍ୟାମ୍ ।।
ନ ତନ୍ମୁଖେ ଶୁକ୍ଳଶ୍ମଶ୍ରୁଃ ଶିରସିନ ଜଟାଜୁଟମ୍ ।
ସନ୍ୟାସୈୖସ୍ତ୍ୱନ୍ୱିଷ୍ୟନ୍ତେଽପି ଯର୍ଦ୍ଦୁର୍ଲଭଂ ପାଦପଦ୍ମମ୍ ।।
ଆକାରହୀନ ତଦ୍ ବ୍ରହ୍ମ ନିରାକାର ଜ୍ୟୋତିର୍ବିନ୍ଦୁଃ ।
ମାୟାନିଶି ବିନାଶନେ ଭକ୍ତପ୍ରାଣ ଅମରେନ୍ଦୁଃ ।।

## ଓଁ ଶ୍ରୀଶ୍ରୀ ପରାମାତ୍ମନେ ନମଃ

ଘୂର୍ଣ୍ଣାୟମାନ ସୃଷ୍ଟି ଚକ୍ରର ପ୍ରବାହମାନ ଉଜାଣି ସ୍ରୋତରେ ଭାସିଯାଉଛନ୍ତି ଜୀବଜଗତ, କୀଟରୁ ବ୍ରହ୍ମଯାଏ । କିଏ କେଉଁ ଭୂମିକାରେ କାହିଁକି ଅଭିନୟ କରୁଛି, ତାହା ସେ ନିଜେ ଜାଣେନା । ଅଦୃଶ୍ୟର ଇସାରାରେ ନାଚି ନାଚି ନୟାନ୍ତ ହୁଏ, ଭୁଲ୍ ଠିକ୍‌ର ହିସାବ କରେ, ହାରିବା ଜିତିବାର ଅଛିଣ୍ଡା ଅଙ୍କ କଷିକଷି ଶେଷରେ ନିଜର କର୍ତ୍ତାପଣକୁ ପରିହାର କରି ସ୍ରଷ୍ଟାଙ୍କର ଅବୁଝା ଲୀଳା ସୂତ୍ରକୁ ବୁଝିବାକୁ ଇଚ୍ଛା କରେ । ବୁଝି ସାରିଲା ପରେ ହଜିଯାଏ, ସାଗରର ପରିବ୍ୟାପ୍ତିରେ । ନିଜର ବ୍ୟକ୍ତିଗତ ସତ୍ତା ହରାଇ, ଅନନ୍ତ ଭିତରେ ଅନ୍ତ ହୋଇ, ଅସୀମ ଭିତରେ ସୀମା ହଜାଇ, ଉପଲବ୍ଧିର ବିଜ୍ଞାନ ହାସଲ କରି ଥଳକୂଳ ନଥିବା ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଏ । ଅନାଦି କାଳରୁ ନଈ ସାଗରର ଠିକଣା ଖୋଜି ଆସିଛି । କେତେ ଅଙ୍କା ବଙ୍କା, ଖାଲ ଢିପ ଅରମାରେ ଗତି କରି ଯେତେବେଳେ ସିନ୍ଧୁରେ ଏକାକାର ହୁଏ, ସେତେବେଳେ ନିଜ ଅଳୀକ ସୁଖର ମଧୁରତା ହରାଇ, ନିତ୍ୟ ଶାନ୍ତିର ଲୁଣି ଜଳରାଶିରେ ଲବଣାକ୍ତ ହୋଇଯାଏ । ଜୀବ ଯେଉଁ ଅନିତ୍ୟ ସୁଖର ମଧୁରତା ଚାଖି ନିଜକୁ ସୁଖୀ ମନେ କରୁଥିଲା, ତାହା ତା'ର ଭ୍ରମ ବୋଲି ମାନି ନେବାକୁ ବାଧ ହୁଏ । ଭଗବତ ପଥ ଦନ୍ତୁରିତ ପଥ । ସ୍ୱାଦ ଲବଣାକ୍ତ । ମାତ୍ର, ସେ ଦନ୍ତୁରିତ ପଥରେ ପଥିକ ସାଜି ଦୁଃଖ ସହିବାର କୌଶଳ ଜାଣିଗଲେ, ଲବଣ ଜଳର ସ୍ପର୍ଶ ବାରମ୍ବାର ପାଇ ଚର୍ମ ଜୀବାଣୁମୁକ୍ତ

ହୋଇଗଲେ, ଜୀବ ସିଦ୍ଧି ଅର୍ଜ୍ଜନ କରେ । କଷଟି ପଥରରେ କଷି ହୋଇ ଶେଷରେ କଷ୍ଟ ସହି କୃଷ୍ଣଙ୍କୁ ପାଏ । ଅମ୍ଳ ଦ୍ୱାରା ଖାଦ ପୋଡ଼ିଯାଇ ଶୁଦ୍ଧ ସୁବର୍ଣ୍ଣ ପାଲଟି ଯାଏ । ତା'ପରେ କୃପା ପାଇବାର ଯୋଗ୍ୟତା ହାସଲ କରେ । ସାଗରର ଶାମୁକା ପାଲଟି ଯାଏ । ଲୁଣି ଜଳରେ ଶାମୁକା ଅଣାୟତ୍ତ ହୋଇ ଭାସୁଥିବା ବେଳେ ଦିନେ ହଠାତ୍ ନୀଳ ଆକାଶର ବାଦଲ ଚିରି ପ୍ରେମମୟଙ୍କର କୃପା ଜଳ ବର୍ଷା ହୋଇ ବର୍ଷିଯାଏ । ଆଷାଢ଼ର ସେ ଅମୃତ ବିନ୍ଦୁ ସଦୃଶ ପହିଲି ବାରିଧାରାକୁ ଶାମୁକା ତା'ର ଗର୍ଭରେ ଧାରଣ କରେ । ପଞ୍ଚଭୂତର ମହାମିଳନରୁ ଏ ପିଣ୍ଡ ବ୍ରହ୍ମାଣ୍ଡର ସୃଷ୍ଟି । ଶାମୁକା ଗର୍ଭରେ ପଞ୍ଚଭୂତର ଅପୂର୍ବ ସମାଗମ ହୁଏ । ଆଉ ସେ ବିଚିତ୍ର ପ୍ରକ୍ରିୟାରୁ ଜାତ ହୁଏ ମୁକ୍ତା । ଜୀବ ସେତେବେଳେ ଜୀବନ୍ମୁକ୍ତ ହୋଇଯାଏ । କର୍ମ ବନ୍ଧନ ଛିନ୍ନ ହୋଇଯାଏ । ବିଷୟ ଚେତା ହରାଇ ବିଶ୍ୱେଶ୍ୱରଙ୍କ ଚେତନା ଭରିଯାଏ । ଦେହ ହୋଇଯାଏ ଦେହାତୀତ, ମନ ହୋଇଯାଏ ପୂତ ପବିତ୍ର । ଅନ୍ତରରେ ଖେଳ କରନ୍ତି ଅନ୍ତର୍ଯ୍ୟାମୀ । ହୃଦୟରେ ରାସ କରନ୍ତି ହୃଦୟେଶ୍ୱର ।

ଆଜି ସେହିଭଳି ଜଣେ ଜୀବନ୍ମୁକ୍ତ ଅମରାତ୍ମାର କାମନାକୁ ପୂର୍ଣ୍ଣ କରିବାକୁ ଯାଇ ପୂର୍ଣ୍ଣବ୍ରହ୍ମ କେଶବ ନାରାୟଣଙ୍କ ନିର୍ଦ୍ଦେଶରେ **'କ୍ଷିତିଜ୍ୟୋତିଷ ଶାନ୍ତି ଯଜ୍ଞ'** ଅନୁଷ୍ଠିତ ହେଉଅଛି । ଗଜପତି ଜିଲ୍ଲାର ପାହାଡ଼ତଳ କଇଁପୁର ଠାରୁ ମହେନ୍ଦ୍ରଗିରିର ଉପରିସ୍ଥ ଯଜ୍ଞସ୍ଥଳ କେତେ ଦୂର ଦନ୍ତୁରିତ ପଥ ! ସାଧାରଣ ଜୀବ ପ୍ରଭୁଙ୍କ ନିକଟରେ ଜିଜ୍ଞାସା କରିଥିଲା ପାହାଡ ଉପରେ ଯଜ୍ଞ କାର୍ଯ୍ୟ ନିର୍ବାହ କରିବା ବଡ଼ କଷ୍ଟକର ବ୍ୟାପାର । କର୍ମୀମାନେ ପାହାଡ଼ ଚଢ଼ି ଏତେ ଉପରକୁ ଯିବେ କେମିତି ? ପ୍ରେମମୟ ଠାକୁର ରଙ୍ଗାଅଧରରେ ଟିକେ ମୁରୁକି ହସି ଦେଇଥିଲେ । ଯେଉଁ ହସରୁ ସ୍ପଷ୍ଟ ବାରି ହୋଇ ପଡିଲା ସେ ଇଚ୍ଛାମୟଙ୍କର ଇଚ୍ଛା । ଅନୁଭବୀ ଅନୁଭବ କଲା, ଜୀବ ଅଜ୍ଞାନତାର ଅସମ୍ଭବ ଫଳକରେ ସମ୍ଭାବନାର ଚିତ୍ର । ସଚ୍ଚିଦାନନ୍ଦଙ୍କ ପ୍ରଶାନ୍ତ ବଦନର ସ୍ୱଚ୍ଛ ଦର୍ପଣ ଭିତରେ ଯଜ୍ଞାନୁଷ୍ଠାନର ବାସ୍ତବ ଚଳଚ୍ଚିତ୍ର । ଆପଣା ଜ୍ଞାନରେ କିଏ ମାପି ପାରିବ ସେ ଜ୍ଞାନେଶ୍ୱରଙ୍କୁ ! ଆପଣାର ଭଲପାଇବାରେ କିଏ ବାନ୍ଧି ପାରିବ ସେ ସର୍ବବ୍ୟାପକ ବିଶ୍ୱରାଜଙ୍କୁ ! ଯୁଗେ ଯୁଗେ ସେ ଯୋଗୀମୁନିଙ୍କର କାମନା ପୂର୍ଣ୍ଣପାଇଁ, ଜୀବର ଉଦ୍ଧାର ନିମିତ୍ତ ଶୂନ୍ୟ ଶୂନ୍ୟ ମହାଶୂନ୍ୟରୁ ଓହ୍ଲାଇ ଆସିଛନ୍ତି ସ୍ୱାଭାବିକ ମନୁଷ୍ୟ ଶରୀର ଧାରଣ କରି, କେତେ ତପ କରି ଭକ୍ତିରେ ବାନ୍ଧି ଦେଇଛନ୍ତି ସେ ମହର୍ଷି ପ୍ରେମମୟ ଠାକୁରଙ୍କୁ । ଯାହାର ପରିଣତି ସ୍ୱରୂପ ପ୍ରକୃତିର ଭୌଗୋଳିକ ଶତ ବାଧାବନ୍ଧକୁ ଖାତିର ନକରି ଆଜ୍ଞା ଓ ନିର୍ଦ୍ଦେଶକୁ ଶିରୋଧାର୍ଯ୍ୟ କରି ଆଜି ଚଳଚଞ୍ଚଳ

ହୋଇ ଯାଇଛନ୍ତି ଭକ୍ତକୁଳ । ମନ ଆଜି ଚଞ୍ଚଳ ହୋଇ ଉଠିଛି ପ୍ରଭୁଙ୍କ କର୍ମ ପାଇଁ, ପ୍ରାଣ ଆଜି ପୁଲକିତ ହୋଇ ଉଠିଛି ଲୀଳାରେ ସମଭାଗୀ ହେବାପାଇଁ ।

ଯୁଗ ପରେ ଯୁଗ ବିତିଯାଏ । ପୂରାଣ ପୃଷ୍ଠାରେ ବିମଣ୍ଡିତ ହୁଏ ଭକ୍ତ ଭଗବାନଙ୍କ ଅମୃତଗାଥା । ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୁଏ ବ୍ରହ୍ମଙ୍କର ଲୀଳା କ୍ଷେତ୍ର । ସେହି ଯୁଗାନୁବାଦର ଅସୀମ ଲୀଳାସମୂହ ମଧ୍ୟରୁ ଆଜିର ଏ ପବିତ୍ର ଲଗ୍ନରେ ଏଠାରେ ଯେଉଁ **'କ୍ଷିତିଜ୍ୟୋତିଷ ଶାନ୍ତି ଯଜ୍ଞ'** ଅନୁଷ୍ଠିତ ହେଉଛି, ତାହା ସମ୍ପର୍କରେ ପାଞ୍ଚଶହରୁ ଊର୍ଦ୍ଧ୍ୱବର୍ଷ ପୂର୍ବେ ପଞ୍ଚସଖାଙ୍କ ମଧ୍ୟର ଅନ୍ୟତମ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ 'ଗୁପ୍ତବ୍ରହ୍ମ ଗୀତା'ରେ ଏହି ସ୍ଥାନ ସମ୍ପର୍କରେ ସୂଚନା ଦେଇଛନ୍ତି ଯେ –

ପୁଣ୍ୟ ବନଭୂମି ମହେନ୍ଦ୍ରଗିରି ।
ପାଞ୍ଚ ପଣ୍ଡୁପୁତ୍ର ନିବାସ କରି ।।
ଅଜ୍ଞାତରେ କଲେ କାଳ ଯାପନ ।
ମହେନ୍ଦ୍ର ତନୟା ନଦୀରେ ସ୍ନାନ ।।
ସତୀ କୁନ୍ତି ସନ୍ତାନଙ୍କ ସହିତେ ।
ଅବସ୍ଥାନ କଲେ କାଳର ସ୍ରୋତେ ।।
ଚାରି ଯୁଗେ ସେତ ଅମର ହୋଇ ।
ପର୍ଶୁରାମ ଅବତାର ବୋଲାଇ ।।
ସର୍ବାଗ୍ରେ ନିବାସ ଦେବ ଶଙ୍କର ।
ପାଦ ପ୍ରଦେଶରେ କଇଁର ପୁର ।।
ବନ ପ୍ରଦେଶର ପୁଣ୍ୟ ମହିମା ।
କଳି ନ ପାରିବେ ଶଙ୍କର ବ୍ରହ୍ମା ।।
କଳି ଅବତାର କରିବେ ଲୀଳା ।
ବେଦ ଧ୍ୱନି ହେବ ଭକତ ମେଳା ।।
ମନୁଷ୍ୟର ଋଷି ତପ ସାଧନ ।
କ୍ଷିତିଜ୍ୟୋତି ଶାନ୍ତି ଯଜ୍ଞ ବିଧାନ ।।
କଳିଯୁଗ ପାପେ ଅଶାନ୍ତ କ୍ଷିତି ।
ଯାଗ କରି ବ୍ରହ୍ମ କରିବେ ଶାନ୍ତି ।।

ନେମାଳ ପଦ୍ମବନର ଭବିଷ୍ୟତ ଦ୍ରଷ୍ଟା ଅଚ୍ୟୁତାନନ୍ଦଙ୍କ ଉପରୋକ୍ତ ପଦ୍ୟାବଳୀରୁ ସ୍ପଷ୍ଟ ଅନୁମେୟ ଯେ ଏହି ମହେନ୍ଦ୍ରଗିରି ଏକ ପୁଣ୍ୟଭୂମି । ଦ୍ୱାପର ଯୁଗରେ ଯେତେବେଳେ ବାସୁଦେବ କୃଷ୍ଣଙ୍କର ପ୍ରିୟଭକ୍ତ ପଞ୍ଚୁପାଣ୍ଡବ କାଳସୂତ୍ରରେ ବନବାସ ଭୋଗ କରୁଥିଲେ, ଅଜ୍ଞାତବାସ କାଳରେ କିଛି ଦିନ ଏହି ମହେନ୍ଦ୍ରଗିରିରେ ଅବସ୍ଥାନ କରିଥିଲେ । ଫଳମୂଳ ଆହାର କରି କାଳାତିପାତ କରୁଥିଲେ । ସେମାନେ ଏହି ମହେନ୍ଦ୍ରତନୟା ନଦୀରେ ସ୍ନାନ କରୁଥିଲେ ବୋଲି ମଧ୍ୟ ଅଚ୍ୟୁତ ତାଙ୍କ ମାଳିକା ପଦରେ ସୂଚନା ଦେଇଛନ୍ତି । ସତୀ କୁନ୍ତିଦେବୀ ମଧ୍ୟ ପୁତ୍ରମାନଙ୍କ ସହ ସେଠାରେ ରହିଥିଲେ ବୋଲି ଉଲ୍ଲେଖ ଅଛି । ତା'ର ସ୍ମାରକ ଭାବରେ ପାହାଡ ଉପରେ ପଞ୍ଚୁପାଣ୍ଡବଙ୍କ ମନ୍ଦିର ଏବଂ କୁନ୍ତିଙ୍କର ମନ୍ଦିର ମଧ୍ୟ ରହିଛି । ଚାରିଯୁଗରେ ଅମର ଅବତାର ପର୍ଶୁରାମଙ୍କର ମଧ୍ୟ ଏକ ମନ୍ଦିର ରହିଛି । ପୁଣି ପର୍ବତ ଉପରେ ତ୍ରିଦେବଙ୍କ ମଧ୍ୟରେ ସଂହାରକର୍ତ୍ତା ଶିବ ଗୋଟିଏ ମନ୍ଦିରରେ ଲିଙ୍ଗରୂପେ ପୂଜା ପାଉଛନ୍ତି । ପର୍ବତର ପାଦଦେଶରେ କଇଁପୁର ନାମରେ ଗ୍ରାମ ରହିଛି । ଧନ୍ୟ ଏ କଇଁପୁର ଗ୍ରାମ । ଧନ୍ୟ ସେ ଗ୍ରାମର ଗ୍ରାମବାସୀବୃନ୍ଦ । ଯେଉଁ ଗ୍ରାମର ନାମ ନିର୍ବିକଳ୍ପ ସମାଧିଯୋଗୀ ଅଚ୍ୟୁତଙ୍କର ମାଳିକା ପୃଷ୍ଠା ମଣ୍ଡନ କରିଛି । ମହେନ୍ଦ୍ରଗିରି ଏମିତି ଏକ ପର୍ବତ ତାହାର ମହିମା ସମ୍ପର୍କରେ ବ୍ରହ୍ମାଶଙ୍କର ଆଦିଙ୍କୁ ଅଗୋଚର ବୋଲି ଅଚ୍ୟୁତାନନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଜନବସତି ଠାରୁ ଅନେକ ଦୂରରେ ଥିବା ଏହି ପୁଣ୍ୟ ବନଭୂମିରେ କଳିଯୁଗର ଅବତାର ଲୀଳା କରିବେ ଅର୍ଥାତ୍ ଯଜ୍ଞାନୁଷ୍ଠାନ ହେବ ଓ ବେଦଜ୍ଞମାନେ ପ୍ରଭୁଙ୍କ ନିର୍ଦ୍ଦେଶରେ ବେଦଧ୍ୱନି କରିବେ । ଉକ୍ତ ଲୀଳାକୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କର ଗହଳି ଲାଗିବ । ମନୁଷ୍ଟର ନାମରେ ଜଣେ ଋଷି ପ୍ରଭୁଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇଛନ୍ତି । ତାଙ୍କ ତପସ୍ୟାର ପରିଣତି ସ୍ୱରୂପ ଆଜି ଏଠାରେ **''କ୍ଷିତିଜ୍ୟୋତିଷ୍ଟିଶାନ୍ତି ଯଜ୍ଞ''** ଅନୁଷ୍ଠିତ ହେଉଅଛି । କଳିର ପ୍ରଭାବରେ ଆଜି ଧର୍ମ ଗ୍ଲାନିଯୁକ୍ତ ହୋଇଛି । ପ୍ରତି ଯୁଗ ଭଳି ଧର୍ମ ସଂସ୍ଥାପନାର ବେଳ ହୋଇଯାଇଛି । ପାପର ଭାରକୁ ଧରିତ୍ରୀ ଆଉ ସମ୍ଭାଳି ପାରୁନାହିଁ । କ୍ଷିତି କହିଲେ ଧରିତ୍ରୀ ଆଜି ଅଶାନ୍ତିରେ କାଳ କାଟୁଥିବାରୁ ତାକୁ ଶାନ୍ତି ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ଏହି ଯଜ୍ଞ ଅନୁଷ୍ଠାନ କରାଉଛନ୍ତି । ଋଷି ମନୁଷ୍ଟର କିଭଳି ଭାବରେ ତପ ଆଚରଣ କରି ବରପ୍ରାପ୍ତି ହୋଇଥିଲେ ସେ ସମ୍ବନ୍ଧରେ ଏକ ବିଚିତ୍ର କିମ୍ବଦନ୍ତୀ ରହିଛି ଯାହା ପ୍ରଭୁଙ୍କ ରଙ୍ଗାଅଧରରୁ କ୍ଷରି ଆସିଛି ଓ ମାଳିକା ପୃଷ୍ଠାରେ ମହାପୁରୁଷ ତାକୁ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି ।

ସତ୍ୟ ଯୁଗରେ ଶତୁଧା ନାମରେ ଜଣେ ଋଷିଥିଲେ, ଯିଏକି ଗୃହସ୍ଥାଶ୍ରମରେ କାଳଯାପନ କରୁଥିଲେ । ତାଙ୍କର ପତ୍ନୀ ସ୍ୱୟାମ୍ଭୁ ଜଣେ ଅଭିଜ୍ଞାନସମ୍ପନ୍ନଶୀଳା, ବୁଦ୍ଧିମତୀ ଓ ଶାସ୍ତ୍ରନିପୁଣା ନାରୀ ଥିଲେ । ସଂସାର କରି ମଧ୍ୟ ପତିପତ୍ନୀ ଦୁହେଁ ସାଂସାରିକ ଚିନ୍ତାଧାରା ଠାରୁ ଅନେକ ଦୂରରେ ଥିଲେ । ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ସେବାରେ ନିଜକୁ ବ୍ରତୀ ରଖିବାକୁ ଚେଷ୍ଟା କରୁଥିଲେ । ଉଭୟଙ୍କ ମଧ୍ୟରେ ଭଲ ପାଇବାଥିଲା ଅତି ନିବିଡ । ମାତ୍ର ସେମାନେ ଦେହଭୋଗ ଠାରୁ ଦୂରରେ ରହି ଶାଶ୍ୱତ ଭଲ ପାଇବାରେ ବୁଡି ରହିଥିଲେ । ଶରୀର ଦୁଇଟି, ମାତ୍ର ମନ ଗୋଟିଏ । ଜଣେ ଅନ୍ୟ ଜଣକୁ କେବେ କୌଣସି କ୍ଷେତ୍ରରେ, ପରିବେଶ ପରିସ୍ଥିତିରେ ବିରୁଦ୍ଧାଚରଣ କରୁ ନଥିଲେ । ଭଗବାନଙ୍କ ପରମପାବନ ପଦ୍ମପାଦରେ ଯା'ର ମନ ଲାଖିରହିଥାଏ, ତା' ଭିତରେ ବିରୁଦ୍ଧ ଭାବ ଉଦ୍ରେକ ହୋଇପାରେନା । ଜଣେ ଅନ୍ୟଜଣଙ୍କ କଥାକୁ ସସମ୍ମାନେ ମଥାପାତି ଗ୍ରହଣ କରିଯାଉଥିଲେ । ପ୍ରାତଃ ଶଯ୍ୟା ତ୍ୟାଗ ଠାରୁ ରାତ୍ରିର ଶଯ୍ୟା ଗ୍ରହଣ ପର୍ଯ୍ୟନ୍ତ ଦୁହେଁ ସକଳ କାର୍ଯ୍ୟରେ ଦେହ ଲଗାଇ ଥିଲେ ମଧ୍ୟ ମନ ରହିଥାଏ ସେହି ପ୍ରେମମୟଙ୍କ ପାଖରେ । ତେଣୁ ପ୍ରତ୍ୟେକଟି କାର୍ଯ୍ୟ ସରସ ଓ ସୁନ୍ଦର ହୋଇ ଉଠେ । ସ୍ୱୟାମ୍ଭୁ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗକରି ସ୍ନାନ ଶୌଚାଦି ନିତ୍ୟକର୍ମ ସାରି ଫୁଲ ତୋଳନ୍ତି । ଆଶ୍ରମକୁ ମାର୍ଜନି ଦ୍ୱାରା ଝାଡୁମାରି ପାଣି ସିଞ୍ଚି ପବିତ୍ର କରନ୍ତି । ଚନ୍ଦନ ଘୋରି ଧୂପଦୀପ ସଜାଡି ଫୁଲ ରଖିଦେଇ ସ୍ୱାମୀଙ୍କୁ ଅପେକ୍ଷା କରନ୍ତି । ଋଷି ଶତୁଧା ସ୍ନାନ ସାରି ଆସି ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତି । ଋଷି ଦମ୍ପତି ଧ୍ୟାନଧାରଣା ପୂର୍ବକ ପ୍ରାତଃ କାର୍ଯ୍ୟ ଶେଷ କଲା ପରେ ପତ୍ନୀ ଖାଦ୍ୟ ପ୍ରସ୍ତୁତିରେ ଲାଗନ୍ତି, ଶତୁଧା ଭିକ୍ଷା ଉଦ୍ଦେଶ୍ୟରେ ନଗର ଭ୍ରମଣରେ ଯାଆନ୍ତି । ଦିନେ ନଗର ଭ୍ରମଣ ସାରି ଫେରିବା ବାଟରେ ଗୋଟିଏ ନବଜାତ ଶିଶୁ ଅସହାୟ ଅବସ୍ଥାରେ ପଡିଥିବାର ଦେଖିଲେ । ଦୟାଶୀଳ ଋଷି ଶତୁଧା ପାଖକୁ ଧାଇଁ ଯାଇ ଶିଶୁଟିକୁ କୋଳକୁ ଟେକି ନେଲେ । ଚତୁର୍ଦ୍ଦିଗକୁ ନିରୀକ୍ଷଣ କଲେ କିଏ କାଳେ କାହା ଶିଶୁକୁ ରଖିଦେଇ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବ । ହେଲେ ନା, କ୍ଷଣ ପରେ କ୍ଷଣ ବିତି ଚାଲିଲା । ଶିଶୁ ପାଖକୁ କେହିହେଲେ ବି ଆସିଲେ ନାହିଁ । ଋଷିପ୍ରବର ବାତ୍ସଲ୍ୟ ପ୍ରେମରେ ହଜିଯାଇ ଶିଶୁପୁତ୍ରଟିକୁ ନିଜ ଆଶ୍ରମକୁ ନେଇ ଆସିଲେ । ଆଶ୍ରମରେ ପହଞ୍ଚିଲା ବେଳକୁ ପତ୍ନୀ ସ୍ୱୟାମ୍ଭୁ ଖାଦ୍ୟ ପ୍ରସ୍ତୁତ କରି ସ୍ୱାମୀଙ୍କ ଅପେକ୍ଷାରେ ବସିଛନ୍ତି । ଋଷିଙ୍କ ହାତରେ ଶିଶୁ ସନ୍ତାନଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଓ ପଚାରିଲେ ଏ ଶିଶୁକୁ କେଉଁଠୁ ପାଇଲ । ଋଷି ପିଲାଟିର ଅସହାୟତା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ

ପ୍ରଦାନ କଲେ । ଜନନୀ, ଭଗିନୀ, ଜାୟା ତିନି ମହିମାର ଅଧିକାରିଣୀ ନାରୀ । ଭାବ ଗଦ୍‌ଗଦ୍ ହୋଇ ସ୍ୱୟାମ୍ଭୁ ସ୍ୱାମୀଙ୍କ ହାତରୁ ଶିଶୁଟିକୁ ଟୋକି ନେଇ ତା'ର ମୁଖ ମୁଣ୍ଡଳକୁ ଚାହିଁ ରହିଲେ । ମମତାମୟୀ ମା' ଛାତିରେ ଜାକି ଧରିଲେ ଶିଶୁ ସନ୍ତାନକୁ । ସେ ଅନୁଭବ କଲେ ଯେ ଏତେ ବର୍ଷ ବିବାହ ବନ୍ଧନରେ ବାନ୍ଧି ହୋଇ ସଂସାର କରିଥିଲେ ମଧ ଭଗବାନ କାହିଁକି କୋଳରେ ସନ୍ତାନ ଦେଇ ନଥିଲେ । ଗର୍ଭଧାରଣ ନକରି ମଧ ଆଜି ମାତୃତ୍ୱ ଅର୍ଜନ କଲେ ସ୍ୱୟାମ୍ଭୁ । ନାରୀ ଜୀବନର ପୂର୍ଣ୍ଣତାକୁ ହୃଦୟଙ୍ଗମ କରି ଭଗବାନଙ୍କୁ କୃତଜ୍ଞତା ଜଣାଇବାକୁ ଲାଗିଲେ । ମନପ୍ରାଣ ଦେଇ ପିଲାଟିକୁ ଲାଳନପାଳନ କଲେ । ଦିନେ ଶୀତ ସକାଳରେ ଋଷି ପତ୍ନୀ ଶିଶୁଟିକୁ ଆଶ୍ରମ ଅଗଣାରେ ଶୁଆଇଦେଇ ନଦୀରେ ସ୍ନାନ ସାରି ଫେରିଲା ବେଳକୁ ଦେଖିଲେ ଗୋଟାଏ ବିରାଟ ନାଗସାପ ଶିଶୁଟିର ମୁଣ୍ଡ ଉପରେ ଛତା ଭଳି ଢାଙ୍କି ହୋଇଛି । ଶିଶୁଟିର ସର୍ବାଙ୍ଗ ଶରୀରରେ ଖରା ପଡୁଥିଲେ ମଧ ମୁହଁରେ ଖରା ପଡୁନାହିଁ । ଋଷି ପତ୍ନୀ ସ୍ୱୟାମ୍ଭୁ ଏ ଦୃଶ୍ୟ ଦେଖି ହତଚକିତ ହୋଇ ପଡ଼ିଲେ । କ'ଣ କରିବେ କିଛି ଚିନ୍ତା କରିପାରିଲେ ନାହିଁ । ଦେଖୁ ଦେଖୁ ବାହାରୁ କାମ ସାରି ଋଷି ଶତୁଧା ସେଠି ଉପସ୍ଥିତ ହେଲେ । ଏ ଦୃଶ୍ୟ ଦେଖିଲା ପରେ ସେ ବ୍ୟସ୍ତ ନ ହୋଇ ନିଜେ ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କରିବାକୁ ଲାଗିଲେ ଓ ପତ୍ନୀଙ୍କୁ ମଧ ଉପଦେଶ ଦେଲେ ସେ ମନ୍ତ୍ର ଜପ କରିବା ପାଇଁ । ଦୁହେଁ କିଛି ସମୟ ମନ୍ତ୍ର ଜପ କରିବା ପରେ ନାଗ ସାପଟି ଆପେ ଆପେ ଦୂରକୁ ଚାଲିଯାଇ ଅଦୃଶ୍ୟ ହୋଇଗଲା । ସେଦିନ ଥାଏ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି । ପିଲାଟିକୁ ପାଇବାର ଏକୋଇଶି ଦିନ । ସକାଳୁ ସକାଳୁ ଏପରି ଅଲୌକିକ ଘଟଣା ଘଟିବା ପରେ ଋଷି ଶତୁଧା ଦେଖିଲେ ତାଙ୍କ ଆଶ୍ରମ ଦ୍ୱାରରେ ଜଣେ ଧବଳ ଜଟାଜୁଟମଣ୍ଡିତ ସାଧକ ଛିଡ଼ା ହୋଇଛନ୍ତି । ପାଖକୁ ଯାଇ ପ୍ରଣାମ ନିବେଦନ କଲାପରେ ପରିଚୟ ପାଇଲେ ସେ ହେଉଛନ୍ତି ତାଙ୍କ ଦୀକ୍ଷାଗୁରୁ ବିଜ୍ଞେଶ୍ୱରାନନ୍ଦ ସରସ୍ୱତୀ । ଅନେକ ବର୍ଷ ପରେ ଗୁରୁଙ୍କର ସାକ୍ଷାତ ପାଇ ଶତୁଧାଙ୍କ ମନ ପ୍ରାଣ ଆନନ୍ଦରେ ନାଚି ଉଠିଲା । ଋଷି ଓ ଋଷିପତ୍ନୀ ଗୁରୁଙ୍କର ପାଦ ପୂଜାକରି, ଆତିଥ୍ୟ ପ୍ରଦାନ କରି ଅତର୍କିତ ଭାବରେ ପାଇଥିବା ଶିଶୁଟିର ଭବିଷ୍ୟତ ସଂପର୍କରେ ଜିଜ୍ଞାସା କଲେ । ଗୁରୁ ବିଜ୍ଞେଶ୍ୱର କିଛି ସମୟ ଆଖିବୁଜି ଧ୍ୟାନମଗ୍ନ ହୋଇଗଲେ । ଆଖି ଖୋଲିବା ପରେ କହିଲେ, ଏ ଶିଶୁଟି ଭବିଷ୍ୟତରେ ପରମ ଶିବଭକ୍ତ ହେବ । ଶିବଙ୍କର ଅସୀମ ଆଶିଷ ଲାଭକରି ଦିନେ ଅନାଦି ବ୍ରହ୍ମ ସ୍ରଷ୍ଟା ପୁରୁଷଙ୍କର ଦର୍ଶନ ପାଇବ । ଜଗତ କଲ୍ୟାଣ କାର୍ଯ୍ୟରେ ନିଜକୁ ନିଯୁକ୍ତ କରି ମହୀତଳେ ଯଶ ଅର୍ଜନ

କରିବ । ଋଷି ପ୍ରତ୍ୟାବର୍ତ୍ତନ କରିବାକୁ ଉଦ୍ୟତ ହୁଅନ୍ତେ ସ୍ୱୟାମ୍ଭୁ ପ୍ରାର୍ଥନା କଲେ ଶିଶୁଟିର ନାମକରଣ କରିବା ପାଇଁ । ଗୁରୁ ପିଲାଟିର ନାମକରଣ କଲେ 'ମନୁଶ୍ୱର' । ଆଉ କହିଗଲେ – ଏ ଶିଶୁ ନିଜର ମନକୁ ଆୟତ୍ତ କରିବା ପାଇଁ ସମର୍ଥ ହେବ । ଭବିଷ୍ୟତରେ ଏ ସୁନ୍ଦର ବନଭୂମିର ନାମକରଣ ଏହି ଶିଶୁର ନାମରେ ହିଁ ନାମିତ ହେବ । ଏତକ କହିବା ପରେ ଗୁରୁ ସୁଖୀ ହେବାପାଇଁ ଆଶୀର୍ବାଦ ପ୍ରଦାନ କରି ତାଙ୍କର ଗନ୍ତବ୍ୟ ପଥରେ ଚାଲିଗଲେ ।

ଗୁରୁବାଣୀ ଶ୍ରବଣ କରି ଋଷି ଦମ୍ପତି ଉପଲବ୍ଧି କଲେ ଯେ ଏ ଶିଶୁ ଏକ ଅଲୌକିକ ଶକ୍ତି ସମ୍ପନ୍ନ ଦିବ୍ୟଶିଶୁ । ଭଗବାନ ଶିବଙ୍କର କୃପାପାତ୍ର ଗୁରୁଙ୍କ କଥା ଶୁଣିବା ପରଠାରୁ ପତିପତ୍ନୀ ଦୁହେଁ ଶିଶୁଟି ପ୍ରତି ଏତେ ସ୍ନେହଶୀଳ ହୋଇ ଉଠିଲେ ଯେ ନିଜେ ନଖାଇ ତାକୁ ଖୁଆଇ, ତାର ମଙ୍ଗଳକାମନା କରି ଦିନ କଟାଇଲେ । ଦୁଇମାସ ବିତିଯିବା ପରେ ଠିକ୍ ଚୈତ୍ରମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ନାଗସାପଟି ଆସି ସେହି ପୂର୍ବାହ୍ନ ସମୟରେ ପୂର୍ବବତ୍ ଶିଶୁର ମୁଣ୍ଡ ଉପରେ ଛତ୍ର ଭଳି ଢାଙ୍କି ହୋଇ ରହିଥିବାର ସ୍ୱୟାମ୍ଭୁ ଦେଖିଲେ । ଏଭଳି ଅଲୌକିକ ଘଟଣା ତା'ପର ଠାରୁ ପ୍ରତି ମାସର ସେଇ ଚୈତ୍ରମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଘଟିବାକୁ ଲାଗିଲା । ପିଲାଟିର ବୟସ ଧୀରେ ଧୀରେ ବଢ଼ିବାକୁ ଲାଗିଲା । ପିଲାଟିକୁ ଯେତେବେଳେ ପାଞ୍ଚବର୍ଷ ବୟସ ହୋଇଗଲା, ଦିନେ ହଠାତ୍ କେଉଁଆଡ଼େ ଖେଳାବୁଲା କରିବାକୁ ଯାଇ ସଂଧ୍ୟା ସୁଦ୍ଧା ଆଶ୍ରମକୁ ନ ଫେରିବାରୁ ସ୍ୱୟାମ୍ଭୁ ବ୍ୟସ୍ତ ହୋଇ ସ୍ୱାମୀଙ୍କୁ ଖୋଜି ଆଣିବାକୁ ଅଳି କଲେ । ଶତ୍ରୁଧା ଓ ସ୍ୱୟାମ୍ଭୁ ଦୁହେଁ ଦୀପବତୀଟିଏ ଜାଳି ଅନ୍ଧାର ରାତିରେ ମନୁଶ୍ୱରକୁ ଖୋଜିବାକୁ ଲାଗିଲେ । ଆଶ୍ରମଠାରୁ କିଛି ଦୂର ଗଲାପରେ ଅନତି ଦୂରରେ ଏକ ପାହାଡ ଉପରେ ବିଚିତ୍ର ଦୃଶ୍ୟ ଦେଖିଲେ । ଆକାଶରେ ଉଦିତ ଚନ୍ଦ୍ର ଦେହରୁ କିଛି ଆଲୋକରଶ୍ମି ସ୍ତମ୍ଭାକାରରେ ନିମ୍ନମୁଖୀ ହୋଇ ସେଇ ପାହାଡ ଭିତରକୁ ଭେଦ କରିଛି । କୌତୁହଳ ପୂର୍ବକ ଋଷି ଓ ଋଷିପତ୍ନୀ ପାଖକୁ ଯାଇ ଦେଖିବାକୁ ଆଗ୍ରହ ପ୍ରକାଶ କଲେ । ଘୋର ଅନ୍ଧକାର ମଧ୍ୟରେ ଦିବ୍ୟଆଲୋକର ସନ୍ଧାନ ପାଇ ସେମାନେ ଅଗମ୍ୟ ବନପଥକୁ ଚଢ଼ି ଅତି କଷ୍ଟରେ ପାହାଡ଼ ଉପରେ ପହଞ୍ଚିଲେ । ସେମାନେ ଦେଖିଲେ ଶୂନ୍ୟରୁ ଚନ୍ଦ୍ରମା ଦେହରୁ ଝରୁଥିବା ଆଲୋକରଶ୍ମି ପଦ୍ମାସନରେ ବସିଥିବା ଏକ ପାଞ୍ଚବର୍ଷର ଶିଶୁ ମୁଣ୍ଡକୁ ସ୍ପର୍ଶ କରିଛି । ଶିଶୁର ଚତୁର୍ଦ୍ଦିଗରେ ମାଳମାଳ ନାଗ ସାପ ପ୍ରହରୀ ପରି ତାକୁ ଜଗି ରହିଛନ୍ତି । ସେ ଶିଶୁଟି ପୁଣି ଆଉ କେହି ନୁହେଁ । ସ୍ୱୟାମ୍ଭୁଙ୍କର ପ୍ରାଣପ୍ରିୟ ମନୁଶ୍ୱର । ଦୃଶ୍ୟ ଦେଖି ବିସ୍ମିତ

ହୋଇଗଲେ ଋଷି ଦମ୍ପତ୍ତି । କିଛି ଚିନ୍ତା କରି ନପାରି ଆଶ୍ରମକୁ ଫେରିଆସି ନଖାଇ ନପିଇ ଶୋଇଗଲେ । ବ୍ରାହ୍ମ ମୁହୂର୍ତ୍ତରେ ନିଦରୁ ଉଠି ଦେଖିଲେ ମନୁଶ୍ବର ତାର ବିଛଣାରେ ଶୋଇ ରହିଛି । ସ୍ୱୟାମ୍ଭୁ ଛାତିରେ ଜାବୁଡି ଧରି ମସ୍ତକରେ ବାରମ୍ବାର ଚୁମ୍ବନ ଦେବାକୁ ଲାଗିଲେ । ହେଲେ ମନୁଶ୍ବର ନୀରବ, ନିଶ୍ଚଳ, ନିରୁତ୍ତର ଓ ପ୍ରତିକ୍ରିୟା ଶୂନ୍ୟ । ସତେ ଯେମିତି ଏମାନଙ୍କୁ ସେ ଚିହ୍ନି ନାହିଁ । ଦିନ ଗଡି ଚାଲିଲା, ପିଲାଟି ଭିତରେ ଦୁହେଁ ଲକ୍ଷ୍ୟ କଲେ ତୀବ୍ର ବୈରାଗ୍ୟ । ମନୁଶ୍ବରଙ୍କର ଅଲୌକିକ ଦିବ୍ୟଗୁଣ ଚତୁର୍ଦ୍ଦିଗରେ ପ୍ରଚାରିତ ହୋଇଗଲା । ଅନେକ ଧର୍ମପରାୟଣ ରାଜା, ମହାରାଜା, ଋଷି ମୁନି ସାଧକମାନେ ଓ ସଂସାରୀମାନେ ମନୁଶ୍ବରଙ୍କୁ ଦର୍ଶନ କରିବାପାଇଁ ଆଶ୍ରମରେ ଭିଡ ଲଗାଇଲେ । ମନୁଶ୍ବର ଯାହାକୁ ଛୁଇଁ ଦେଲେ ତାର ସମସ୍ୟା ସମାଧାନ ହୋଇଗଲା । ରୋଗୀକୁ ସ୍ପର୍ଶ କଲେ ସେ ବ୍ୟାଧିମୁକ୍ତ ହେଲା । ଦୁର୍ବଳକୁ ଛୁଇଁ ଦେଲେ ସବଳ ହେଲା । ନିଃସନ୍ତାନକୁ ସ୍ପର୍ଶ କଲେ ସେ ମଧ୍ୟ ସନ୍ତାନ ଲାଭ କଲା । ଏହିପରି ଭାବରେ ସମୟ ସ୍ରୋତରେ ସତ୍ୟଯୁଗରେ ତାଙ୍କର ଜୀବନର ପରିସମାପ୍ତି ଘଟିଲା । ତ୍ରେତୟା ଯୁଗରେ ଋଷ୍ୟମୁକ ପର୍ବତରେ ଯେତେବେଳେ ଭଗବାନ ରାମଚନ୍ଦ୍ର ସୁଗ୍ରୀବଙ୍କ ସହ ମିତ୍ରତା ସ୍ଥାପନ କଲେ, ସେତେବେଳେ ନିଜ ତପୋଭୂମିକୁ ଛାଡ଼ି ପୃଥିବୀ ଭ୍ରମଣରେ ବାହାରିଥିବା ଋଷି 'ମହାତେଜା' ସେଠାରେ ପହଞ୍ଚି ଗୋପନରେ ପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ କରିଥିଲେ । ମନୁଶ୍ବରଙ୍କର ପରବର୍ତ୍ତୀ ଜନ୍ମ ହେଉଛନ୍ତି ଏହି ମହାତେଜା । ପୂର୍ବଜନ୍ମର ପ୍ରାରବ୍ଧ ପୁଣ୍ୟ ପ୍ରଭାବରୁ ଏ ଜନ୍ମରେ ମଧ୍ୟ ସେ ଶଙ୍କରଙ୍କର ଉପାସକ ଥିଲେ । ତ୍ରେତୟା ଯୁଗ ପରେ ଦ୍ୱାପର ଯୁଗର ଶେଷ ପର୍ଯ୍ୟାୟରେ ଯେତେବେଳ ପଞ୍ଚୁପାଣ୍ଡବ ଅଜ୍ଞାତବାସ କରୁଥିଲେ, ଠିକ୍ ସେତିକିବେଳେ ଘଞ୍ଚ ଅରଣ୍ୟ ମଧ୍ୟରେ ଋଷି ମହୀପାଳଙ୍କ ସହ ପାଣ୍ଡବମାନଙ୍କର ସାକ୍ଷାତ ହୋଇଥିଲା । ମହୀପାଳ ସେମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ । ବଣର ଫଳମୂଳ ଆଦି ଖୁଆଇ ଆପ୍ୟାୟିତ କରିଥିଲେ । ମହୀପାଳ ତାଙ୍କ ସାଧନାବଳରେ ଯାହା ଜାଣିଥିଲେ ପାଣ୍ଡବମାନଙ୍କ ଆଗରେ ସବୁ ବଖାଣି ବସିଥିଲେ । ଋଷି ମହୀପାଳ ଥିଲେ ଶିବଭକ୍ତ ଓ ପାଣ୍ଡବ ମାନେ ଥିଲେ ବିଷ୍ଣୁ ପରାୟଣ, ବାସୁଦେବ କୃଷ୍ଣଙ୍କର ଅତିପ୍ରିୟ । ପାଣ୍ଡବମାନେ ଋଷି ମହୀପାଳଙ୍କ ଆଗରେ ବାସୁଦେବ କୃଷ୍ଣଙ୍କର ଅପାର ଦୟା ଓ ମହିମା ସଂପର୍କରେ ଭାବ ଗଦ୍‌ଗଦ୍ ହୋଇ ଅଶ୍ରୁଳ ନୟନରେ ଉପସ୍ଥାପନ କଲେ । ଉଭୟେ ଉଭୟଙ୍କ ପ୍ରତି ଆକର୍ଷିତ ହୋଇଗଲେ । ଆଜିର କଳିଯୁଗ ଭଳି ଅନ୍ୟ ଯୁଗରେ ଯିଏ ଯାହାକୁ ଇଷ୍ଟ ବୋଲି ଗ୍ରହଣ କରି ଜଗତରେ ଇଷ୍ଟଙ୍କର ମହିମା ପ୍ରଚାର

କଲେ ମଧ୍ୟ କେହି କାହାକୁ ସମାଲୋଚନା କରୁନଥିଲେ । ସମେସ୍ତ ସମସ୍ତଙ୍କର ମହାନତାକୁ ସମ୍ମାନ ଦେଉଥିଲେ । ସମସ୍ତେ ସମସ୍ତଙ୍କୁ ବିଶ୍ୱାସ କରି ସ୍ନେହ ଡୋରିରେ ବାନ୍ଧି ପାରୁଥିଲେ । ଋଷି ମହୀପାଳ ତପ ଆଚରଣ କରି ପାଣ୍ଡବମାନଙ୍କର ଦୁଃଖ ଲାଘବ ନିମିତ୍ତ ଭଗବାନ ଶିବଙ୍କୁ ପ୍ରାର୍ଥନା କରୁଥିଲେ । ଅନ୍ୟପକ୍ଷେ ପାଣ୍ଡବମାନେ ଭଗବାନ କୃଷ୍ଣଙ୍କୁ ଧ୍ୟାନକରି ଋଷି ମହୀପାଳଙ୍କର ସର୍ବଶୁଭ ମନାସୀ କଲ୍ୟାଣ କାମନା କରୁଥିଲେ । ଦିନେ ନିଶାର୍ଦ୍ଧରେ ଋଷି ମହୀପାଳ ସ୍ୱପ୍ନାବସ୍ଥାରେ ଦେଖିଲେ ଭଗବାନ ଶିବ ତାଙ୍କୁ କହୁଛନ୍ତି, "ହେ ମହୀପାଳ ! ତୁମେ ସଂସାର ବିରାଗୀ ହୋଇ ମଧ୍ୟ ନିଜର ସେବା ବଳରେ ବିଷ୍ଣୁଭକ୍ତ ପାଣ୍ଡବମାନଙ୍କ ହୃଦୟକୁ ଜୟ କରିପାରିଛ । ତେଣୁ ମସ୍ତକରେ ମୁକୁଟ ଧାରଣ ନକରି ମଧ୍ୟ ତୁମେ ସମସ୍ତଙ୍କ ହୃଦସିଂହାସନରେ ବିରାଜମାନ କରିଛ । ତୁମେ ପ୍ରକୃତରେ ମହୀପାଳ ନାମର ଯଥାର୍ଥ ଅଧିକାରୀ । ତୁମେ ତପଚାରୀ, ପାଣ୍ଡବମାନେ ରାଜପୁତ୍ର । ତଥାପି ସେମାନଙ୍କ ହୃଦ ସିଂହାସନରେ ବାସୁଦେବ କୃଷ୍ଣ ସଦା ବିରାଜିତ । ତେଣୁ ତୁମେ ସେମାନଙ୍କୁ ପ୍ରତ୍ୟକ୍ଷ ପୂଜା ଦିଅ ।" ଭକ୍ତକୁ ପୂଜାଦେଲେ ଭଗବାନ ଖୁସି ହୁଅନ୍ତି । ଋଷି ମହୀପାଳଙ୍କର ନିଦ୍ରାଭଙ୍ଗ ହେଲା । ସ୍ନାନ ତର୍ପଣ ଶେଷକରି ପାଣ୍ଡବମାନଙ୍କ ପାଖରେ ପହଞ୍ଚିଲା ବେଳକୁ ସେମାନେ ସେ ଅରଣ୍ୟ ସ୍ଥାନ ଛାଡି ଅନ୍ୟତ୍ର ଯିବାପାଇଁ ସିଦ୍ଧାନ୍ତ କରି ବାହାରି ସାରିଥିଲେ । ଋଷି ମହୀପାଳ ପାଖରେ ପହଞ୍ଚି ସମସ୍ତଙ୍କୁ ଗୋଟିଏ ଗୋଟିଏ ପ୍ରସ୍ତର ଉପରେ ଉପବେଶନ କରାଇ ପୂଜାନୈବିଦ୍ୟ ଅର୍ପଣ କଲେ । ପାଣ୍ଡବମାନେ ମଧ୍ୟ ଋଷି ମହୀପାଳଙ୍କର ପାଦଛୁଇଁ ସେ ସ୍ଥାନକୁ ପରିତ୍ୟାଗ କଲେ । ଦ୍ୱାପର ଯୁଗର ସେହି ଗହନଲୀଳାର ସାକ୍ଷର ବହନ କରି ଆଜି ମଧ୍ୟ ସେହି ପର୍ବତ ଉପରେ ପଞ୍ଚୁ ପାଣ୍ଡବ ଓ କୁନ୍ତିଙ୍କର ମନ୍ଦିର ରହିଛି । ପରବର୍ତ୍ତୀ କାଳରେ ଅବତାର ପୁରୁଷ ପର୍ଶୁରାମ ମଧ୍ୟ ସେ ସ୍ଥାନରେ କିଛିକାଳ ଅବସ୍ଥାନ କରି ଋଷି ମହୀପାଳଙ୍କୁ ସିଦ୍ଧି ପ୍ରଦାନ କରିଥିଲେ, ଯେଉଁଥିପାଇଁ କି ସେଠାରେ ପର୍ଶୁରାମଙ୍କର ମଧ୍ୟ ଏକ ମନ୍ଦିର ରହିଛି ।

ଯୁଗପୁଷ୍ପର ଚତୁର୍ଥ ପାଖୁଡା କଳିଯୁଗରେ ସେହି ସତ୍ୟ ଯୁଗର ମନୁଶ୍ରେଷ୍ଠ । ତ୍ରେତୟାର ମହାତେଜା ଓ ଦ୍ୱାପରର ମହୀପାଳ ବିଗତ ଦଶମ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିଲେ ବର୍ତ୍ତମାନର ଗଜପତି ଜିଲ୍ଲାର ଏଇ ସବୁଜିମା କୋଳରେ । ଆଜକୁ ପ୍ରାୟ ଏକ ହଜାର ବର୍ଷ ପୂର୍ବେ ଓଡିଶାରେ ଯେତେବେଳେ ସୋମବଂଶୀ ରାଜାମାନେ ରାଜୁତି କରୁଥିଲେ, ଠିକ୍ ସେହି ସମୟରେ ଜନ୍ମ ଗ୍ରହଣ କରିଥିଲେ ଋଷି 'ମହେନ୍ଦ୍ରାସନ' । ଜନସମାଜ ଠାରୁ ଦୂରରେ ରହି ଘଞ୍ଚ ଅରଣ୍ୟ ମଧ୍ୟରେ ତପସ୍ୟାରେ

ରତ ଥିବାରୁ ତାଙ୍କର ନାମ ଇତିହାସରେ ମଣ୍ଡିତ ହୋଇ ପାରିନାହିଁ । ମାତ୍ର ଯାହାଙ୍କ ଦୃଷ୍ଟି ଅଗ୍ରରେ ସମଗ୍ର ସୃଷ୍ଟି ସ୍ଥିତ, ଯାହାଙ୍କ ନିର୍ଦ୍ଦେଶନାରେ ଘଟଣ, ଅଘଟଣ, ବିଘଟଣ ସଂଗଠିତ ହୋଇଥାଏ ସିଏ ବା କେମିତି ଭୁଲି ଯାଇ ପାରିବେ ଭକ୍ତର ଭକ୍ତିମତାକୁ । ମହେନ୍ଦ୍ରାସନଙ୍କ ତପସ୍ୟା ପ୍ରଭାବରୁ ସେତେବେଳେ ବ୍ରହ୍ମାଣ୍ଡରେ ଶିବଙ୍କର ମହିମା ପ୍ରକଟିତ ହୋଇଥିଲା । ଦଶମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ମଧ୍ୟରେ ଓଡିଶାରେ ଶୈବ ଧର୍ମର ପ୍ରଭାବ ପଡିଥିଲା ଓ ରାଜାମାନେ ବହୁତ ଶିବ ମନ୍ଦିର ନିର୍ମାଣ କରିଥିଲେ । ମହେନ୍ଦ୍ରାସନ ପିତାମାତାଙ୍କର ଏକମାତ୍ର ପୁତ୍ର ଥିଲେ । ଶିବଙ୍କୁ ଆରାଧନା କରି ବିବାହର ସତେଇଶି ବର୍ଷ ପରେ ପିତାମାତା ମହେନ୍ଦ୍ରାସନଙ୍କୁ ପ୍ରାପ୍ତ ହୋଇଥିଲେ । ପୁତ୍ର ବାଲ୍ୟାବସ୍ଥାରୁ ଭକ୍ତି ପରାୟଣ ଥିଲେ । ନିଜର ବ୍ୟବହାର ଓ ମଧୁର ବଚନ ଦ୍ୱାରା ସେ ସମସ୍ତଙ୍କୁ ମୋହିତ କରି ପାରୁଥିଲେ । ଚାଟଶାଳୀକୁ ଯିବା ପୂର୍ବରୁ ସେ ବୟୋବୃଦ୍ଧ ଲୋକମାନଙ୍କର ଅନେକ ଅସମାହିତ ପ୍ରଶ୍ନର ଉତ୍ତରକୁ ସାବଲୀଳ ଭାଷାରେ ଦେଇ ପାରୁଥିଲେ । ତେଣୁ ସମସ୍ତଙ୍କର ଆଦରଣୀୟ ଥିଲେ । ଯେଉଁ ପଲ୍ଲୀରେ ସେ ଜନ୍ମଗ୍ରହଣ କରିଥିଲେ, ସେହି ମାତୃଭୂମିର ସେବା କରିବା ପାଇଁ ତାଙ୍କ ମନରେ ପ୍ରଗାଢ଼ ନିଷ୍ଠା ଥିଲା । ଯେଉଁମାନଙ୍କ ମନରେ ଭକ୍ତିଭାବ ନଥାଏ, ସେମାନଙ୍କୁ ପାଖରେ ବସାଇ ଭଗବାନଙ୍କ ସ୍ଥୂଳଲୀଳା ଶ୍ରବଣ କରାଇ ମନରେ ଭକ୍ତିଭାବର ଉଦ୍ରେଖ କରାଇ ନାସ୍ତିପଣ ଦୂର କରୁଥିଲେ । ଏହିପରି ବାଲ୍ୟାବସ୍ଥାରୁ ଯୁବାବସ୍ଥାରେ ପଦାର୍ପଣ କରିବା ପର୍ଯ୍ୟନ୍ତ ପିତାମାତାଙ୍କ ଗହଣରେ ମହେନ୍ଦ୍ରାସନ କାଳଯାପନ କରି ସମାଜ କଲ୍ୟାଣକର କାର୍ଯ୍ୟରେ ମନ ଦେଇଥିଲେ । ମହେନ୍ଦ୍ରାସନଙ୍କୁ ଯେତେବେଳେ ତେଇଶି ବର୍ଷ ବୟସ, ସେହି ସମୟରେ ପିତାମାତା ତାଙ୍କୁ ଛାଡି ଇହଲୀଳା ସମ୍ବରଣ କଲେ । ମହେନ୍ଦ୍ରାସନ ଏକୁଟିଆ ବଞ୍ଚିରହି ଭଗବାନ ଶିବଙ୍କର ଆରାଧନାରେ ମଜ୍ଜିଗଲେ । ଦିନେ ପଲ୍ଲୀ ଛାଡ଼ି ଦୂରକୁ ଯିବାପାଇଁ ମନସ୍ଥ କଲେ । ପଲ୍ଲୀବାସୀ ତାଙ୍କ ବାଟ ଓଗାଳିଲେ ଓ କହିଲେ,– "ତୁମର ବାପାମାଆ ନଥିଲେ ମଧ୍ୟ ଆମେ ସମସ୍ତେ ତୁମର ବାପା ମାଆ । ତୁମେ ଆମ ପଲ୍ଲୀର ପୁଅ । ଆମ ସମସ୍ତଙ୍କର ପୁଅ । ତୁମର ଖାଇବା ପିଇବା ଆମେ ସମସ୍ତେ ବୁଝିବୁ ।" ମହେନ୍ଦ୍ରାସନଙ୍କ ମନ କେବଳ ନିକାଞ୍ଚନ ସ୍ଥାନ ଖୋଜୁଥାଏ । ହେଲେ କଣ କରିବେ, କିଛି କହି ନପାରି ପୁଣି ଅଟକିଗଲେ । ସେହିଦିନଠାରୁ ମହେନ୍ଦ୍ରାସନଙ୍କୁ ଆଉ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼ିଲା ନାହିଁ । ପଲ୍ଲୀବାସୀ ସମସ୍ତେ ପାଳି କରି ମହେନ୍ଦ୍ରାସନଙ୍କର ଖାଇବା ପିଇବା ବୁଝିଲେ । ଏହିପରି କାଳ ଗଡି ଯାଉଥିବା ସମୟରେ ଦିନେ ଗୋଟିଏ ଅଭାବନୀୟ ଘଟଣା ଘଟିଗଲା । ବ୍ରାହ୍ମ

ମୁହୂର୍ତ୍ତରେ ଫୁଲ ତୋଳିବା ସମୟରେ ମନ୍ଦ୍ରୋସନଙ୍କୁ ସାପ କାମୁଡ଼ି ଦେଲା । ମହେନ୍ଦ୍ରାସନ ଚେତା ହରାଇ ବସିଲେ । ଏତାଦୃଶ ପରିସ୍ଥିତି ଦେଖି ପଲ୍ଲୀବାସୀ କାନ୍ଦିବାକୁ ଲାଗିଲେ । ଠିକ୍ ସେତିକିବେଳେ ପଲ୍ଲୀର ଜଣେ ବ୍ରାହ୍ମଣ ସୁନିଳେନ୍ଦୁ ଦାସ ଥଟ୍ଟା କରିବାକୁ ଲାଗିଲେ । ପଲ୍ଲୀବାସୀଙ୍କୁ ତାସଲ୍ୟ କରି କହିଲେ, ''ଆରେ ! ତୁମେ ମାନେ ଆଜିଯାଏ ଯାହା ପଛରେ ପଡିଛ ସେହିଟା ଗୋଟାଏ ଭଣ୍ଡ । ଭଗବାନଙ୍କ ପ୍ରେମରେ ମଜ୍ଜି ଯାଇଛି ବୋଲି ଆଖିରୁ ଯେଉଁ ଧାର ଧାର ଲୁହ ଗଡାଏ ତାହା ଅଭିନୟ ।'' ହେଲେ ପଲ୍ଲୀବାସୀ ମହେନ୍ଦ୍ରାସନଙ୍କର ପ୍ରକୃତ ପରିଚୟ ପାଇ ସାରିଥିଲେ । ବ୍ୟତିବ୍ୟସ୍ତ ହୋଇ ବଇଦ ଗୁଣିଆଙ୍କ ପାଖକୁ ଗଲେ । ମାତ୍ର କେହି ସଫଳତା ଦେଇ ପାରିଲେ ନାହିଁ । ମହେନ୍ଦ୍ରାସନ ଯେତେବେଳେ ଆଉ ଆଖି ଖୋଲିଲେ ନାହିଁ, ସାଧୁ ମହାରାଜ ବିବୁଦ୍ଧାନନ୍ଦଙ୍କୁ ଯାଇ ପଲ୍ଲୀବାସୀ ପଚାରିଲେ କ'ଣ କରିବା ? ସାଧୁ ବିବୁଦ୍ଧାନନ୍ଦ ମହେନ୍ଦ୍ରାସନଙ୍କ ଚେତନାହୀନ ଶରୀର ଭିତରୁ ଏକ ସମ୍ଭାବନାର ପରିଣତିକୁ ଦର୍ଶନ କଲେ । ମହେନ୍ଦ୍ରାସନ ମୃତ ନୁହଁନ୍ତି ଏହା ଜାଣି ପାରିଲେ । ତେଣୁ ଆପଣା ସାଧନା ବଳରେ ଧ୍ୟାନରେ ବସି ଭବିଷ୍ୟତ କଥାକୁ ଜାଣି ପାରି ମହେନ୍ଦ୍ରାସନଙ୍କୁ ସଂସ୍କାର ନକରି ଘୋର ଅରଣ୍ୟ ମଧ୍ୟରେ ଏକ ବୃକ୍ଷମୂଳେ ବସିବା ଢଙ୍ଗରେ ରଖି ଦେଇ ଆସିବା ପାଇଁ ନିର୍ଦ୍ଦେଶ ଦେଲେ । ପଲ୍ଲୀବାସୀ ବିବୁଦ୍ଧାନନ୍ଦଙ୍କ କଥା ଅନୁସାରେ କାର୍ଯ୍ୟ ସଂପନ୍ନ କଲେ । ଭଗବାନଙ୍କର ଲୀଳା ବଡ ବିଚିତ୍ର । ଭକ୍ତକୁ ଏକାନ୍ତ ଭାବରେ ଆପଣାର କରିବା ପାଇଁ ସେ ଯେ କିଭଳି ନାଟକ ସୃଷ୍ଟି କରିପାରନ୍ତି, ତାହା ଏଥିରୁ ସ୍ପଷ୍ଟ ଅନୁମେୟ । ହଠାତ୍ ବର୍ଷା ଆସିଲା । ବର୍ଷା ଜଳରେ ଭିଜିଲା ପରେ ମହେନ୍ଦ୍ରାସନଙ୍କ କାଳନିଦ୍ରା ଭାଙ୍ଗିଲା । ଆଖି ଖୋଲି ଦେଖିଲେ ଘୋର ଜଙ୍ଗଲ ଭିତରେ ସେ ଏକାକୀ ବସିଛନ୍ତି । ଚେତନା ପୁରୁଷ ମହେନ୍ଦ୍ରୋସନଙ୍କ ହୃଦୟରେ ଚେତନା ଦେଲେ, ''ତୁମେ ତପ ଆଚରଣ କର । ସମାଜ କଲ୍ୟାଣ ପାଇଁ ନୂତନ ତତ୍ତ୍ୱର ଆବିଷ୍କାର କର ।'' ମହେନ୍ଦ୍ରାସନ ପର୍ବତର ଅଗ୍ର ଭାଗରେ ଏକ ଛୋଟ କୁଡିଆ ତିଆରି କରି ବଣର ଫଳମୂଳ ଆହାର କରି କାଳଯାପନ କଲେ । ଘୋର ତପରେ ମଗ୍ନ ହୋଇଗଲେ ମହେନ୍ଦ୍ରାସନ । ଦୀର୍ଘ ବାରବର୍ଷ ପରେ ଚୈତ୍ରମାସ କୃଷ୍ଣପକ୍ଷ ଏହି ଚତୁର୍ଦ୍ଦଶୀ ତିଥିରେ ଭଗବାନ ଶିବ ବୃଷଭ ପୃଷ୍ଠରେ ବସି ମହେନ୍ଦ୍ରାସନଙ୍କୁ ଦର୍ଶନ ଦେଲେ । ବର ଯାଚନା କଲେ । ମହେନ୍ଦ୍ରାସନ କ'ଣ ମାଗିବେ ? ଯିଏ ଭଗବାନଙ୍କ ପ୍ରେମରେ ମଜ୍ଜିଛି । ଭଗବାନ ତ ତା'ର ସର୍ବସ୍ୱ । ସେ ଆଉ କ'ଣ ମାଗିବେ ? ଏତିକି ପ୍ରାର୍ଥନା କଲେ,– ''ହେ ଭୋଳାନାଥ ! ମୁଁ ସୃଷ୍ଟିତତ୍ତ୍ୱ ସଂପର୍କରେ ବର୍ତ୍ତମାନ ସୁଦ୍ଧା ଅଜ୍ଞ । ଏ ସୃଷ୍ଟି

କେଉଁ କୌଶଳରେ ନିର୍ମିତ ହୋଇଛି ମୋତେ ଜଣାଇ ଦିଅନ୍ତୁ ।'' ଭକ୍ତର ଅଭିଳାଷ ପୂର୍ଣ୍ଣ କରିବା ପାଇଁ ଭଗବାନ ଶିବଙ୍କ ହୃଦୟ ଦ୍ରବୀଭୂତ ହୋଇଗଲା । ମହାଯୋଗୀ ପୁରୁଷ ନିଜର କୈବଲ୍ୟ ହସ୍ତକୁ ନେଇ ମହେନ୍ଦ୍ରାସନଙ୍କ ମସ୍ତକ ଉପରେ ରଖିଦେଲେ । ଶିବଙ୍କର ସ୍ଥୂଳ ସ୍ପର୍ଶ ପାଇ ମହେନ୍ଦ୍ରାସନଙ୍କ ଶରୀରରେ ଭକ୍ତିର ତରଙ୍ଗ ବିଦ୍ୟୁତ୍ ଭଳି ଖେଳିଗଲା । ଦେହଜ୍ଞାନ ରହିଲା ନାହିଁ । ନେତ୍ର ବୁଜି ସେ ଦେଖିଲେ ସୃଷ୍ଟି ପ୍ରକରଣର ଅଦ୍ଭୁତ ନିଗମ ଲୀଳାସୂତ୍ର । ବିନ୍ଦୁରୁ ସିନ୍ଧୁର ବିବର୍ତ୍ତନ । ପିଣ୍ଡ ମଧ୍ୟରେ ଦର୍ଶନ କଲେ କୋଟି କୋଟି ବ୍ରହ୍ମା, ବିଷ୍ଣୁ ଶିବଙ୍କର ପରମପୂଜ୍ୟ ଇଷ୍ଟଦେବ, ନିତ୍ୟରାଧା ନିତ୍ୟକୃଷ୍ଣର ଯୁଗଳମୂର୍ତ୍ତି କେଶବ ତାଙ୍କ ସହସ୍ରାଗାରରେ ବିରାଜିତ । ଯୁଗଯୁଗ ତପସ୍ୟାକରି ଚକ୍ରଭେଦ କରି କ୍ରିୟାଯୋଗ ଦ୍ୱାରା ଯୋଗୀମାନେ ଯାହା ଦର୍ଶନ କରିବାକୁ ସଫଳହୋଇ ପାରୁନାହାନ୍ତି, ଭୋଳାନାଥଙ୍କର ଅହେତୁକୀ କୃପାବଳରୁ ମହେନ୍ଦ୍ରାସନ ତାହା ପାଇଗଲେ । ପୂର୍ବଜନ୍ମର ସଂସ୍କାର ତାଙ୍କୁ ସହାୟକ ହେଲା । ମହାଦେବ ମସ୍ତକରୁ ହାତ ଉଠାଇ ନେଲାପରେ ମହେନ୍ଦ୍ରାସନ ଆଖି ଖୋଲିଲେ । ପାଦତଳେ ପଡିଯାଇ ଦଣ୍ଡ ପ୍ରଣାମ କଲେ । କୃତଜ୍ଞତା ଜଣାଇଲେ । ସଙ୍ଗେ ସଙ୍ଗେ ମହେନ୍ଦ୍ରାସନ ଶିବଙ୍କୁ ପ୍ରାର୍ଥନା କଲେ, ''ହେ ପ୍ରଭୁ ! ମୋତେ ଏତିକି କୃପାଭିକ୍ଷା ଦିଅନ୍ତୁ ମୋର ଏଇ ତପୋଭୂମିରେ ମୁଁ ସେହି ସ୍ରଷ୍ଟା ପୁରୁଷଙ୍କୁ ସ୍ଥୂଳ ହେଉ ବା ସୂକ୍ଷ୍ମରେ ହେଉ ସେଇ ଅବିକଳ କେଶବ ସ୍ୱରୂପକୁ ଦର୍ଶନ କରିବି ।'' ଭଗବାନ ଶିବ ତଥାସ୍ତୁ କଲେ ଓ କହିଲେ, ''ହେ ମହେନ୍ଦ୍ରାସନ ! କେବଳ ତୁମେ ନୁହଁ ମୋର ମଧ ଅଭିଳାଷ ରହିଛି ଏହି ସ୍ଥାନରେ ସେହି ସ୍ରଷ୍ଟା ପୁରୁଷ ପରମପିତା ଅବ୍ୟକ୍ତ ବ୍ରହ୍ମଙ୍କର ବ୍ୟକ୍ତ ସ୍ୱରୂପକୁ ଦର୍ଶନ କରିବା ପାଇଁ । ତୁମକୁ ଏହି ବର ପ୍ରଦାନ କରୁଛି । ତୁମର ନାମ ଅନୁସାରେ ଏ ପର୍ବତର ନାମ ହେବ ମହେନ୍ଦ୍ରଗିରି । ଏହି କଳିଯୁଗର ଅନ୍ତିମ ପର୍ଯ୍ୟାୟରେ ବିଶ୍ୱରେ ଭ୍ରାତୃତ୍ୱ ପ୍ରତିଷ୍ଠା କରିବା ପାଇଁ ଅବ୍ୟକ୍ତ ବ୍ରହ୍ମ ସ୍ୱରୂପ ଧାରଣ କରି ଧରାମଣ୍ଡନ କରିବେ । କଳିଯୁଗରେ ଭକ୍ତମାନଙ୍କ ସହ ରାସ କରିବାପାଇଁ ସେ ଏହି ପର୍ବତ ଉପରେ ସତ୍‌ସଂଗ ଓ ଯଜ୍ଞାନୁଷ୍ଠାନ କରାଇବେ । ଭକ୍ତମାନଙ୍କ ଗହଣରେ ସିଏ ଯେତେବେଳେ ମାଟିବୈକୁଣ୍ଠରେ ସ୍ଥୂଳରେ ହେଉ କି ସୂକ୍ଷ୍ମରେ ହେଉ ବିରାଜିତ ହେବେ, ସେତେବେଳେ ତୁମେ ଓ ମୁଁ ସୂକ୍ଷ୍ମରେ ରହି ତାଙ୍କୁ ଦର୍ଶନ କରିବା ।'' ହେ ସଦାତ୍ମାଗଣ ! ଆଜି ସେହି ପୁଣ୍ୟତିଥି, ଯେଉଁଦିନ ମହେନ୍ଦ୍ରାସନ ଦେବଦେବ

ମହାଦେବଙ୍କଠାରୁ ବରପ୍ରାପ୍ତ ହୋଇଥିଲେ । ଏ ସଂପର୍କରେ ଭବିଷ୍ୟତ ଜ୍ଞାତା ଅଚ୍ୟୁତାନନ୍ଦ ତାଙ୍କ 'ମଧୁମାସଗ୍ରାନ୍ତ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି –

ଶତୁଧା ସ୍ୱୟାମ୍ଭୁ କରିଲେ ତପ ।
ପୁତ୍ର ମନୁଷ୍ଟର ପ୍ରଜ୍ଞା ଅମାପ ।।
ସତ୍ୟ ଯୁଗେ ସତ୍ୟ ଧାମରେ ରହି ।
ତ୍ରେତୟାରେ ମହାତେଜା ବୋଲାଇ ।।
ଦ୍ୱାପରରେ ମହୀପାଳ ନାମରେ ।
ପାଣ୍ଡବଙ୍କ ସେବାକଲେ ଶିଖରେ ।।
କଳିଶେଷେ ନାମ ମହେନ୍ଦ୍ରାସନ ।
ମହାଦେବଙ୍କର ଚରଣେ ଧ୍ୟାନ ।।
ବରପ୍ରାପ୍ତ ହେଲେ ସତସଂଗକୁ ।
କ୍ଷିତିଜ୍ୟୋତି ଶାନ୍ତି ପୁଣ୍ୟଯଜ୍ଞକୁ ।।
କଳିରେ ସତ୍‌ସଂଗ ରାସର କ୍ଷେତ୍ର ।
ଦେଖିପାରିବ ଥିଲେ ଦିବ୍ୟନେତ୍ର ।।

ଅଚ୍ୟୁତାନନ୍ଦଙ୍କର ଉପରୋକ୍ତ ମାଳିକାର ପଦ୍ୟାବଳୀ ଅନୁସାରେ ସତ୍ୟଯୁଗରେ ଋଷି ଶତୁଧା ଓ ଋଷି ପତ୍ନୀ ସ୍ୱୟାମ୍ଭୂ ତପ ଆଚରଣ କରି ମନୁଷ୍ଟରଙ୍କୁ ପ୍ରାପ୍ତ ହେଲେ । ସତ୍ୟଯୁଗରେ ସତ୍ୟନାରାୟଣଙ୍କ ପାଦତଳେ ଚିତ୍ତ ରଖି ତ୍ରେତୟା ଯୁଗରେ ପୁଣି ମହାତେଜା ନାମରେ ଜନ୍ମଗ୍ରହଣ କରିଥିଲେ । ଦ୍ୱାପରରେ ପୁନଶ୍ଚ ମହୀପାଳ ନାମରେ ଖ୍ୟାତ ହୋଇ ଅଜ୍ଞାତବାସ କାଳରେ ପାଣ୍ଡବମାନଙ୍କ ସେବା କରି ହୃଦୟକୁ ଜୟ କରି ପାରିଥିଲେ । କଳି ଶେଷରେ ମହେନ୍ଦ୍ରାସନ ନାମରେ ଜନ୍ମଗ୍ରହଣ କରି ଯୋଗବଳରେ ମହାଦେବଙ୍କୁ ସନ୍ତୁଷ୍ଟ କରି ବରପ୍ରାପ୍ତ ହେଲେ ଯେ କଳିଯୁଗ ଶେଷରେ ଭଗବାନ ପୂର୍ଣ୍ଣବ୍ରହ୍ମ ଭକ୍ତମାନଙ୍କସହ ରାସ କରିବା ପାଇଁ ସତ୍‌ସଙ୍ଗର ବିଧାନ ପ୍ରଣୟନ କରିବେ । ଯା'ର ଦିବ୍ୟନେତ୍ର ଥିବ, ପୂର୍ବଜନ୍ମର ସୁକୃତ ଥିବ ସିଏ ସେ ସତ୍‌ସଂଗ ଓ **'କ୍ଷିତିଜ୍ୟୋତିଃଶାନ୍ତିଯଜ୍ଞ'** ସ୍ଥଳରେ ଉପସ୍ଥିତ ହୋଇ ପାରିବ । ପୁନଶ୍ଚ ଅଚ୍ୟୁତାନନ୍ଦ ଯଜ୍ଞର ସମୟ ସଂପର୍କରେ ଉଲ୍ଲେଖ କରିବାକୁ ଯାଇ ପ୍ରକାଶ କରିଛନ୍ତି –

ଚତୁର୍ଦ୍ଧାମୂରତୀ ସଙ୍ଗରେ ଯୋଡି ଦବା ଘଡିକୁ ।
ଦକ୍ଷିଣେ ଭୂବନ ରଖିଣ ଚାହିଁ ଗୋରା ଅଙ୍କକୁ ।।
ତ୍ରିଦେବଙ୍କ ମାସ ଭୋଗରେ ପୁଣି ପ୍ରକୃତି ଦିନ ।
ମଙ୍ଗଳାରୁ କାଟି ଆକାର କର ବାରରେ ଧ୍ୟାନ ।।
ଗତ ତିନି କୋଦଣ୍ଡ ରାମ ନକ୍ଷତ୍ର ଯେ ରାଶିକୁ ।
ଶେଷ ମାସ ପଞ୍ଚମ ଦିନ ମୀନ ଏକାଦଶକୁ ।।
ମହେନ୍ଦ୍ରଦୁହିତା ନିର୍ଝର ଜଳ ଭରି କଳସ ।
ବିଭୁଙ୍କ ସୁକୃତ ବ୍ରାହ୍ମଣେ କରି ଶୁଭାଧିବାସ ।।
ପଞ୍ଚ ଦିବସ ଏ ଉତ୍ସବ ଚାରି ଘୃତ ଆହୁତି ।
ପାପାଚାରେ ଦୁଃଖୀ କ୍ଷିତିଯେ ପାଇବ ଦିବ୍ୟଶାନ୍ତି ।।
ଉଆଁସରୁ ଉଣା ଏକଇ ଗ୍ରହରାଜ ଦିବସ ।
ପୂର୍ବ ପାଞ୍ଚ କୁମ୍ଭ ମୀନକୁ ଭୋଗ ଯେ ପଞ୍ଚଦଶ ।।
ଅନ୍ତଭକ୍ତି ଦିନ ଭୋଗରେ ହେବ ଯାଗ ବିରତି ।
ପୂର୍ଣ୍ଣ ଆହୁତି ର ଲଗନେ ଶାନ୍ତି ପାର୍ବତୀ ପତି ।।

ଉପରୋକ୍ତ ପଦ୍ୟାବଳୀ ଅନୁସାରେ ଚତୁର୍ଦ୍ଧାମୂର୍ତ୍ତି କହିଲେ ୪, ଦିବା ଘଡି ହେଲା – ଦିନ ଷୋଳଘଡ଼ି ଓ ରାତି ଷୋଳଘଡ଼ି (ବତିଶି ଘଡି = ଅଷ୍ଟପ୍ରହର) ତେଣୁ ଦିନର ଷୋଳ ଘଡ଼ିକୁ ୪ରେ ମିଶାଇଲେ ୪+୧୬=୨୦ । ଦକ୍ଷିଣେ ଭୂବନ ରଖିଣ ଅର୍ଥ ଭୂବନ କହିଲେ ୧୪ ତେବେ ସଂଖ୍ୟା ହେଲା ୨୦୧୪ । ଗୋରାଅଙ୍କ ବା ଇଂରାଜୀ ଅଙ୍କ ୨୦୧୪ ମସିହା । ତ୍ରିଦେବ କହିଲେ ୩, ତେଣୁ ମାର୍ଚ୍ଚମାସ । ପ୍ରକୃତି କହିଲେ ୨୫ ଅର୍ଥାତ୍ ୨୦୧୪ ମସିହା ମାର୍ଚ୍ଚ ମାସ ୨୫ ତାରିଖ । ମଙ୍ଗଳାରୁ ଆକାର କାଟିଲେ ମଙ୍ଗଳ, ଅର୍ଥାତ୍ ମଙ୍ଗଳବାର । ଗତ କହିଲେ ପୂର୍ବ, ତିନି କହିଲେ ଓଡିଆ ଆଷାଢ଼ ମାସ, କୋଦଣ୍ଡ କହିଲେ ଧନୁ । ଅର୍ଥାତ୍ ପୂର୍ବାଷାଢ଼ା ନକ୍ଷତ୍ର ଧନୁରାଶି ଶେଷ ମାସ ଚୈତ୍ର ୫ଦିନ ମୀନ ୧୧ଦିନ ମହେନ୍ଦ୍ରତନୟା ନଦୀରୁ ଜଳ କଳସରେ ଭରି ଆଣିବେ । ଅବତାର ପୁରୁଷଙ୍କ ସ୍ୱୀକୃତିପ୍ରାପ୍ତ ବ୍ରାହ୍ମଣମାନେ ଶୁଭାଧିବାସ କରିବେ । ପାଞ୍ଚଦିନ ଧରି ଯଜ୍ଞାନୁଷ୍ଠାନ ଓ ସତସଂଗ ଚାଲିବ । ମାତ୍ର ଅଧିବାସ

ଦିନକୁ ଛାଡ଼ିଦେଲେ ଚାରିଦିନ ଘୃତ ଆହୁତି ଦିଆଯିବ । ପାପାଚାରରେ ଅତିଷ୍ଠ ଧରିତ୍ରୀମାତା ଶାନ୍ତି ପାଇବେ । ଉଆଁସରୁ ଊଣା ଏକଇ କହିଲେ ଅମାବାସ୍ୟା ପୂର୍ବଦିନ ଚତୁର୍ଦ୍ଦଶୀ, ଗ୍ରହରାଜ ଦିବସ ଶନିବାର ପୂର୍ବଭାଦ୍ର କୁମ୍ଭ, ମୀନ ୧୫ଦିନ । ଅନ୍ତଭକ୍ତି କହିଲେ ଓଡ଼ିଆ ଶେଷମାସ ଚୈତ୍ର ମାସ । ଭକ୍ତି କହିଲେ ନବଧା ଭକ୍ତି । ତେଣୁ ସଂଖ୍ୟା ହେଲା ୯ । ଅର୍ଥାତ୍ ଚୈତ୍ରମାସ ୯ଦିନ ଯଜ୍ଞର ବିରତି ହେବ । ପୂର୍ଣ୍ଣାହୁତିକୁ ଦେଖି ପାର୍ବତୀ ପତି ଭଗବାନ ଶଙ୍କର ମଧ ଶାନ୍ତି ଅନୁଭବ କରିବେ ।

ହେ ଉପସ୍ଥିତ ସଦାତ୍ମାଗଣ ! ଆଜି ଯେଉଁମାନେ ଏ ସତ୍‌ସଂଗ ଓ ଯଜ୍ଞ ସ୍ଥଳରେ ଉପସ୍ଥିତ ଅଛନ୍ତି, ସେମାନେ ନିଶ୍ଚିତ ଭାବରେ କଳିଯୁଗ ଲୀଳାରେ ସମଭାଗୀ ଓ ଭଗବାନଙ୍କ ପରମ ଭକ୍ତ ଏଥିରେ ସନ୍ଦେହ ନାହିଁ । ଋଷିଙ୍କର କାମନା ପୂର୍ଣ୍ଣ ପାଇଁ କେତେ କଷ୍ଟ ସ୍ୱୀକାର କରି ଗୁରୁ ନାରାୟଣ ଶ୍ରୀକେଶବଙ୍କ ଆଜ୍ଞା ଆଦେଶକୁ ଶିରୋଧାର୍ଯ୍ୟ କରି ଯେଉଁମାନେ କାର୍ଯ୍ୟ ବାହି ନେଉଛନ୍ତି, ସେମାନେ ଯେ ଭଗବାନଙ୍କର ଯୁଗଯୁଗର ପାରିଷଦବର୍ଗ ଏହା ଅନସ୍ୱୀକାର୍ଯ୍ୟ । ତେବେ ଶେଷରେ ଏ କାର୍ଯ୍ୟ ସଂପାଦନାର ତ୍ରୁଟିବିଚ୍ୟୁତି ପାଇଁ ସେଇ ଗୁରୁଙ୍କର ଗୁରୁ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କୁ ଏତିକି ନିବେଦନ କରିବା – ହେ ଅନନ୍ତ କୋଟି ବ୍ରହ୍ମାଣ୍ଡର ମାଲିକ ! ତୁମରି ଇଚ୍ଛା ହିଁ ଆମ ମନରେ ପ୍ରତିଫଳିତ ହେଉ । ତୁମରି କାର୍ଯ୍ୟରେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏ ଦେହ ଲାଗିରହୁ । ଚିତ୍ତବୃତ୍ତି ତୁମରି ସେହି ପଦ୍ମପାଦର ପରମଧାମରେ ସ୍ଥିର ହେଉ । ତୁମରି ଇଚ୍ଛା ହିଁ ସର୍ବମଙ୍ଗଳ । ତୁମର ମହତୀଇଚ୍ଛା ପୂର୍ଣ୍ଣହେଉ ।

**ଜୟ ଶ୍ରୀ ଗୁରୁସ୍ୱାମୀ, ନୟନ ପଥଗାମୀ ଭବ ତୁମେ ।**

**ଅଳମତି ବିସ୍ତରେଣ**

**ଶ୍ରୀକେଶବାର୍ପଣମସ୍ତୁ !!!**

**ଶ୍ରୀ କେଶବ ଶରଣଂ ! ଶ୍ରୀ କେଶବ ଶରଣଂ !! ଶ୍ରୀ କେଶବ ଶରଣଂ !!!**

** କ୍ଷିତିଜ୍ୟୋତିଃ ଆଶ୍ରମ, ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ,**
**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ପରିବାର,**
**ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି:କଟକ, ଓଡ଼ିଶା ।**

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି